# ଅଲ୍ ଓଡ଼ିଶା ରଙ୍ଗତୂଳୀ କଳାକାରଙ୍କ ପ୍ରଥମ ଜିଲା ସମ୍ମିଳନୀ

ମାଲକାନଗିରି, ୬।୧୧
(ଦୁର୍ଯ୍ୟୋଧନ ପାତ୍ର)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ମାଲକାନଗିରି ସଦର ମହକୁମା ଆଓମା ଗୁରୁକୁଳରେ ଅଲ ଓଡିଶା ରଙ୍ଗ ତୁଳି କଳାକାର, ମାଲକାନଗିରି ଜିଲା କମିଟି ତରଫରୁ ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ରଙ୍ଗତୁଳୀ କଳାକାରମାନଙ୍କ ଦ୍ୱାରା ସହରର ବିବିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହାପରେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଂଘ ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, କୋରାପୁଟ ଜିଲା କଳାକାର କ୍ରିଷ୍ଣା ପାତ୍ର, ମାଲ୍ୟବନ୍ତ ଆର୍ଟିଷ୍ଟ ଆସୋସିଏଶନ ସଭାପତି ସମୀର ବୈରାଗୀ ପ୍ରମୁଖ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ମିଶ୍ର ଯୋଗଦେଇ ରାଜ୍ୟର ରଙ୍ଗତୂଳୀ କଳାକାରଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିଥିଲେ । ସମସ୍ତ ଜିଲା ସମ୍ମିଳନୀ ଶେଷ ହେବା ପରେ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ନୂତନ ସରକାରଙ୍କୁ ସଂଘର ୧୨ ଦଫା ଦାବି ପ୍ରଦାନ କରାଯିବ, ଯଦି ଏହି ଦାବିକୁ ସରକାର କର୍ଣ୍ଣପାତ ନ କରନ୍ତି ତେବେ ରାଜ୍ୟର ରଙ୍ଗତୂଳୀ କଳାକାରମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ କେ. ଦେଶିରାଜୁ ଆଚାରୀ ସଭା ପରିଚାଳନା କରିଥିଲେ। ୭ ବ୍ଲକ ସଭାପତି ଓ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ ନୂତନ ଜିଲା କମିଟି ଗଠନ କରାଯାଇଥିଲା। ଶେଷରେ ଜିଲା ସମ୍ପାଦକ ସୁକୁମାର ମଣ୍ଡଳ ଧନ୍ୟବାଦ ଦେଇଥିଲେ।

# ଆଇଇଡି ବୋମା ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି,୬।୧୧(ଦୁର୍ଯ୍ୟୋଧନ ପାତ୍ର)



ଛତିଶଗଡ ବିଜାପୁରରେ ମାଓବାଦୀ ଖଞ୍ଜିଥିବା ଆଇଇଡି ବୋମା ଜବତକରି ଯବାନମାନେ ନିଷ୍କ୍ରିୟ କରିଛନ୍ତି। ବିଜାପୁର ଜିଲା ସାଭନାରରୁ କୋରଖୋଲି ଅଞ୍ଚଳରେ ଡିଆରଜିର ଓ କୋବ୍ରା ବାହିନୀ ବୁଧବାର ତଲାସି କରୁଥିଲେ। ଏହା ସକାଳେ ଚାଲିଥିବା ବେଳେ କୋରଖୋଲି ଗ୍ରାମ ନିକଟରେ ଏକ ବୋମା ଖଞ୍ଜାଯାଇଥିବା ଯବାନମାନେ ଦେଖିବାକୁ ପାଇଥିଲେ। ବୋମା ନିଷ୍କ୍ରିୟକାରୀ ଦଳ ଏହାକୁ ଜବତ କରି ନିଷ୍କ୍ରିୟ କରିଛନ୍ତି । ଏହା ୫ କିଲୋଗ୍ରାମ ଓଜନ ବୋମା ଥିବା ଜଣାପଡିଥିଲା। ତେବେ ବୋମାକୁ ପ୍ରେସର ସୁଇଚ୍ ସିଷ୍ଟମ୍ ସହିତ ଲଗାଯାଇଥିବା ବେଳେ ମାଓବାଦୀମାନେ ସୁରକ୍ଷା ବାହିନୀକୁ ଟାର୍ଗେଟ୍ କରି ଏହାକୁ ଖଞ୍ଜିଥିବା ଜଣାପଡ଼ିଛି ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଅଣ୍ଟା ଭିଡ଼ିଲା ମହିଳା ଟ୍ରଷ୍ଟ



ସନ୍ତୋଷିନୀ ପାତ୍ର ଜିଲାପାଳଙ୍କୁ ଦିବ୍ୟାଙ୍ଗ ପିଲାଙ୍କ ସମସ୍ୟା ବିଷୟରେ ବୁଝାଉଛନ୍ତି ।

ମାଥିଲି,୬।୧୧(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ୍‌ରେ ଥିବା 'ପ୍ରେରଣା ମହିଳା ଟ୍ରଷ୍ଟ' ତରଫରୁ ସୋମବାର ମାଲକାନଗିରିରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସମସ୍ୟା ନେଇ ଟ୍ରଷ୍ଟର ସମ୍ପାଦିକା ସନ୍ତୋଷିନୀ ପାତ୍ର ଅଭିଯୋଗ କରିଥିଲେ। ମାଥିଲି ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ବ୍ଲକ୍‌ର ଦିବ୍ୟାଙ୍ଗ ପିଲାଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇବା ପାଇଁ ଉଦ୍ଦିଷ୍ଟ ଏକମାତ୍ର ଅନ୍ତର୍ନିବେଶୀ କେନ୍ଦ୍ରରେ କର୍ମଚାରୀ ନ ଥିବାରୁ ତାଲା ଝୁଲୁଥିବାରୁ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଗୁହାରି କରିଥିଲେ। ଏହା ପରେ ଅଭିଯୋଗ ଗ୍ରହଣକରି ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ପଦକ୍ଷେପ ନିଆଯାଇଛି। ଖଇରପୁଟରେ କାର୍ଯ୍ୟରତ ବିଆର୍‌ସି ତପସିନୀ ସାହୁ ପ୍ରତି ସପ୍ତାହର ଶେଷ ୩ ଦିନ ଏହି ଅନ୍ତର୍ନିବେଶୀ କେନ୍ଦ୍ରରେ କାର୍ଯ୍ୟ କରିବାର ବ୍ୟବସ୍ଥା କରାଯାଇଛି।

# ମାଥିଲି ବନ ବିଭାଗ ପକ୍ଷରୁ ବିପୁଳ ପରିମାଣର ପଟା ଜବତ

ମାଲକାନଗିରି, ୬।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାଥିଲି ବନ ବିଭାଗ ପକ୍ଷରୁ ବିପୁଳ ପରିମାଣର ପଟା ଜବତ କରାଯାଇଛି। ତଥ୍ୟ ଅନୁଯାୟୀ ମାଥିଲି ବନ ବିଭାଗ ଅନ୍ତର୍ଗତ କେନ୍ଦୁଗୁଡା ଗ୍ରାମରେ ବିପୁଳ ପରିମାଣର କାଠ ପଟା ଗଚ୍ଛିତ ଥିବା ଖବର ପାଇ ମାଥିଲି ବନ ବିଭାଗ କର୍ମଚାରୀ କେନ୍ଦୁଗୁଡା ଗ୍ରାମରେ ଚଢାଉ କରିଥିଲେ । ସେଠାରେ ଜଣଙ୍କ ଘରେ ଏହି କାଠପଟା ଥିବା ଜାଣି ଜବତ କରିଥିଲେ। ଉକ୍ତ ଘରେ କେହି ନ ଥିବାରୁ ଏ ଘଟଣାରେ କାହାକୁ ଗିରଫ କରାଯାଇନାହିଁ। ଏଥିରେ ୩୭ ଶାଳ ଓ ୫୨ ବିଜା ପଟା ଜବତ ହୋଇଛି। ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ମାଥିଲି ରେଞ୍ଜ ଅଧିକାରୀ ବାସୁଦେବ ନାୟକ ସୂଚନା ଦେଇଛନ୍ତି ।



ଜବତ କାଠପଟା।

# ନିଜ ଉଦ୍ୟମରେ ରାସ୍ତା ସହ ନଳକୂପ ଖୋଳିଲେ ଲୋକେ

ମାଲକାନଗିରି, ୬।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକରେ ଥିବା ବସ୍ତି ତଥା ସାହି ଅଞ୍ଚଳରେ ବର୍ଷ ବର୍ଷ ଧରି ରାସ୍ତା ହୋଇ ପାରୁନଥିବାରୁ ଅଞ୍ଚଳବାସୀ ନିଜ ସାହି ପାଇଁ ତିଆରି କରିଛନ୍ତି। ମାଲକାନଗିରି ବ୍ଲକ ବାତରୀଅଟାଳ ଗ୍ରାମଠାରୁ ଜଗାସାହିକୁ ପ୍ରାୟ ୮୦୦ ମିଟର ରାସ୍ତା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ସାହିରେ ପ୍ରାୟ ୬୦ ଲୋକେ ବସବାସ କରୁଛନ୍ତି। ରାସ୍ତା ପାଇଁ ପୂର୍ବରୁ ଅନେକଥର ଜିଲା ପ୍ରଶାସନକୁ ରାସ୍ତା ପାଇଁ ଦାବିପତ୍ର ଦେବା ସହ ଗ୍ରାମସଭାରେ ମଧ୍ୟ ଏ କଥା ଉଠାଇ ଥିଲେ। ହେଲେ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା ହୋଇପାରି ନ ଥିଲା। ତେବେ ଏହା ମଧ୍ୟରେ ଜଗାସାହିରେ ଜଳ ସଙ୍କଟ ମଧ୍ୟ ଦେଖା ଦେଇଥିଲା। ରାସ୍ତା ନ ଥିବାରୁ ନଳକୂପ ଖନନ ପାଇଁ ଗ୍ରାମକୁ ଗାଡି ଆସି ପାରୁନଥିବାରୁ ଲୋକେ ସମସ୍ୟା ଭୋଗୁଥିଲେ। ପୂର୍ବରୁ ଗ୍ରାମରେ ପ୍ରଶାସନ ପକ୍ଷରୁ ଗୋଟିଏ ନଳକୂପ ଖନନ କରାଯାଇଥିଲେ ମଧ୍ୟ ସେଥିରୁ ଦୂଷିତ ଓ ଆଇରନ ଯୁକ୍ତ ଜଳ ବାହାରୁଥିବାରୁ ତାହା ବ୍ୟବହାର ଯୋଗ୍ୟ ହେଉନଥିଲା। ବାଧ ହୋଇ ସାହିବାସୀ ନିଜ ଅର୍ଥରେ ନଳକୂପ ଖନନ ପାଇଁ ନିଷ୍ପତ୍ତି ନେଇଥିଲେ। ହେଲେ ଗାଡି ଆସିବା ପାଇଁ ରାସ୍ତା ନ ଥିବାରୁ ସାହବାସିନ୍ଦା ପ୍ରଥମେ ରାସ୍ତା ତିଆରି କରିଥିଲେ। ସାହି ଲୋକଙ୍କ ଶ୍ରମ ଏବଂ ଅର୍ଥରେ ତିଆରି ହୋଇଥିଲାଏକ କଚ୍ଚା ସଡକପ ରାସ୍ତା। ଏହାପରେ ଲୋକଙ୍କ ଅର୍ଥରେ ଏକ ନଳକୂପ ମଧ୍ୟ ଖନନ କରଯାଇଥିଲା।


ଗାଁ ଲୋକେ ତିଆରି କରୁଥିବା ରାସ୍ତା।

# ତୃତୀୟ, ପଞ୍ଚମ ବୃତ୍ତି ପରୀକ୍ଷା ଦେଲେ ଛାତ୍ରୀଛାତ୍ର

ପଡିଆ, ୬।୧୧(ଭାସ୍କର ରାଓ)–ପଡିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ବାରୋଇଙ୍କ ନେତୃତ୍ୱରେ ବୁଧବାର ତୃତୀୟ ଏବଂ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ତୃତୀୟ ଶ୍ରେଣୀର ୧୭୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲା ବେଳେ ପଞ୍ଚମ ଶ୍ରେଣୀରେ ୧୫୬ ପରୀକ୍ଷା ଦେଇଛନ୍ତି। ସ୍ଥାନୀୟ କମାରଗୁଡା ଏବଂ ଏମ୍‌ଭି ୭୯ ସାବରୀ ପ୍ରାଥମିକ ବିଦ୍ୟାଳୟରେ ପରୀକ୍ଷା କରାଯାଇଥିଲା। ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦିଲୀପ ଜେନା, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୁରେଶ ମେହେତା,କମାରଗୁଡା ବିଦ୍ୟାଳୟରେ ଦାୟିତ୍ୱ ନେଇଥିଲା ବେଳେ ଏମ୍‌ଭି ୭୯ ସାବରୀ ବିଦ୍ୟାଳୟରେ ହୋଇଥିବା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଦିଲୀପ କୁମାର ନାୟକ ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ଶଙ୍କରା ସୁରି ବାବୁ ଦାୟିତ୍ୱରେ ରହିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଡାକ୍ତର ଅନୁପସ୍ଥିତ

## ଦୀର୍ଘ ସମୟ ଧରି ଅପେକ୍ଷାରେ ରହିଲେ ରୋଗୀ

ପଟ୍ଟାଙ୍ଗି, ୬।୧୧(ଶରତ ଧଳ)


କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ହାଇସ୍କୁଲରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ଉକ୍ତ ଶିବିରରେ ଡାକ୍ତରଙ୍କ ଅନୁପସ୍ଥିତିକୁ ନେଇ ଚିକିତ୍ସା କରିବାକୁ ଆଣିଥିବା ରୋଗୀଙ୍କ ସମ୍ପର୍କୀୟ ଏବଂ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସୂଚନା ଅନୁଯାୟୀ, ଉକ୍ତ ଶିବିର ବର୍ଷକୁ ଥରେ ପ୍ରତ୍ୟେକ ବ୍ଲକରେ ଆୟୋଜନ କରି ଲୋକଙ୍କୁ ଚିକିତ୍ସା ସହ ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ପ୍ରମାଣପତ୍ରଠାରୁ ଆରମ୍ଭ କରି ଅନ୍ୟ ସହାୟତା ଯୋଗାଇ ଦିଆଯାଇଥାଏ । ଏହି ସମୟରେ ଜିଲା ସଦର ମହକୁମାରୁ ଆସିଥିବା ଡାକ୍ତରମାନେ ପଞ୍ଜୀକରଣ ହୋଇଥିବା ବିଭିନ୍ନ ରୋଗୀଙ୍କୁ ଚିକିତ୍ସା କରିଥାନ୍ତି। କିନ୍ତୁ ଶିବିରରେ ଅସ୍ଥିଶଲ୍ୟ କକ୍ଷରେ ଦୀର୍ଘ ସମୟ ଧରି ଲୋକଙ୍କ ଭିଡ ଜମି ରହିଥିଲେ ମଧ୍ୟ ଉକ୍ତ କକ୍ଷରେ ଡାକ୍ତରଙ୍କ ଅନୁପସ୍ଥିତିକୁ ନେଇ ଦେଖା ଦେଇଥିଲା ଅସନ୍ତୋଷ।
ଶିବିରରେ ୬୫୮ ରୋଗୀ ପଞ୍ଜୀକୃତ ହୋଇଥିବା ବେଳେ ଅସ୍ଥିଶଲ୍ୟରେ ୧୯୬, ଶ୍ରବଣ ବାଧିତ ୬୨, ଦୃଷ୍ଟି ବାଧିତ ୧୧୨, ମାନସିକ ରୋଗଗ୍ରସ୍ତ ୬୪ , ବରିଷ୍ଠଙ୍କୁ ଚିକିତ୍ସା ୧୩୫, ବସ୍‌ପାସ୍ ୧୪୮,୧୩୯ଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ଇନ୍‌କମ୍ ପ୍ରମାଣପତ୍ର ୬୧, ନୂତନ ପେନସନ ୫୦, ରାସନ୍ କାର୍ଡ ୧୫ ପ୍ରମୁଖଙ୍କୁ ଚିକିତ୍ସା କରି ସରକାରୀ ସହାୟତା ଯୋଗାଇ ଦେବାପାଇଁ ଚିହ୍ନଟ କରାଯାଇଥିଲା। ୧୪ ଭିନ୍ନକ୍ଷମଙ୍କୁ ଚିହ୍ନଟକରି ନୂତନ ଘର ପାଇଁ ନିଷ୍ପତି ନିଆଯାଇ ଥିବାବେଳେ ଆଖି ଓ କାନ ସମସ୍ୟା ଥିବା ୧୫୦ ଜଣଙ୍କୁ ଚିହ୍ନଟକରି ଜିଲା ମେଡ଼ିକାଲ କଲେଜକୁ ରେଫର୍ କରାଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ, ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍ଗା, ୧ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ୍ , ୨ ନଂ.ଜୋନ୍ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସିଡିପିଓ ବି.ଅନ୍ନପୂନା ଓ ସରପଞ୍ଚ ଆଲମେ ଫୁଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ବିଏସ୍‌ଏସ୍‌ଓ ସୁଧିର ସାହୁ ଓ ପ୍ରଜ୍ଞା ଗୈଉଡଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାସ୍ତରକୁ ଯିବେ ୪ କୁନି ବୈଜ୍ଞାନିକ

## ଖଟଲାପଦରରେ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା

କୁନ୍ଦୁରା, ୬।୧୧(ସନ୍ତୋଷ ପ୍ରହରାଜ)



ବିଜ୍ଞାନ ମେଳାରେ କୃତୀ ପ୍ରତିଯୋଗୀଙ୍କ ସହ ଛାତ୍ରୀଛାତ୍ର ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଭୁଷାଙ୍ଗଗୁଡ଼ା ପଞ୍ଚାୟତ ଖୋଟଲାପଦର ସରକାରୀ ନୋଡାଲ ହାଇସ୍କୁଲରେ ବୁଧବାର ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। କୁନ୍ଦୁରା ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର କାର୍ତ୍ତାମୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ହୋଇଥିବା ବେଳେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, କୁନ୍ଦୁରା ବ୍ଲକ୍ ଉପାଧ୍ୟକ୍ଷ ତରୁଣୀସେନ ବିଶୋଇ, ଜିଲା ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ, ବ୍ଲକ୍ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା, ପ୍ରଧାନ ଶିକ୍ଷକ ତ୍ରିନାଥ ରାଉତ, ଭୁସାଙ୍ଗଗୁଡା ସରପଞ୍ଚ ଡମ୍ବରୁଧର ପୂଜାରୀ ଏବଂ ବ୍ଲକ୍‌ର ସମସ୍ତ ବରିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ବ୍ଲକ୍‌ସ୍ତରୀୟ ମେଳାରୁ ୪ ପ୍ରକଳ୍ପ ଚୟନ କରାଯାଇ ଜିଲାସ୍ତରୀୟ ମେଳାକୁ ପଠାଯିବ ବୋଲି ବିଚାରକମାନେ କହିଥିଲେ। କଳାପଡ଼ା ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ଅମ୍ରିତା ହରିଜନ,ଲାଛନାଗୁଡ଼ା ଉଚ୍ଚ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ର ପଞ୍ଚାନନ ତନ୍ତୀ,ଗାଡ଼ଗୁଣ୍ଡାଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ମୃଣ୍ମୟୀ ଅନୁଷା ସ୍ୱାଇଁ ଏବଂ ଖଟଲାପଦର ନୋଡାଲ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ରବିନାରାୟଣ ସାହୁ ଜିଲାସ୍ତରକୁ ଯିବା ନେଇ ଚୂଡ଼ାନ୍ତ ହୋଇଛି । ଏଥିରେ କୁନ୍ଦୁରା ବ୍ଲକ୍‌ର ୮୯ସ୍କୁଲରୁ ପ୍ରୋଜେକ୍ଟ ଆଣିଥିଲେ। ଅତିଥିମାନେ ପ୍ରତ୍ୟେକଟି ପ୍ରୋଜେକ୍ଟ ବୁଲି ଦେଖି ପିଲାଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଉମୁରି ବିଦ୍ୟାଳୟର ଶିକ୍ଷକ କେଶବ ବେହେରା, କୋଲାବ ହାଇସ୍କୁଲର ଶିକ୍ଷକ ଅରୁଣ କୁମାର ସ୍ୱାଇଁ ଏବଂ ପାତ୍ରପୁଟ ହାଇସ୍କୁଲ ଶିକ୍ଷକ ରାମଚନ୍ଦ୍ର ପାଳ ବିଚାରକ ଥିଲେ। ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା, ପ୍ରଦୂଷଣରୁ ରକ୍ଷା, ବର୍ଷା ଜଳ ସଂରକ୍ଷଣ, ଶୀତଦିନିଆ କାକରରୁ ସିଞ୍ଚନ ପ୍ରକ୍ରିୟା ଏବଂ ମାଣ୍ଡିଆ ଚାଷ ଆଦିବିଷୟକୁନେଇ ବିଭିନ୍ନ ପ୍ରକଳ୍ପ ଦେଖିବାକୁ ମିଳିଥିଲା। ଦିଗାପୁର ଆବାସିକ ବିଦ୍ୟାଳୟରୁ ଆସିଥିବା ପ୍ରକଳ୍ପରେ ଜଙ୍ଗଲ ସହ ବାନ୍ୟଜନ୍ତୁ ସୁରକ୍ଷାକୁ ୪ ଆଧୁନିକ ପ୍ରଣାଳୀ ବିଷୟରେ ଉପସ୍ଥାପନା କରାଯାଇଥିବା ଦେଖି ଅତିଥିମାନେ ପ୍ରଶଂଶା କରିଥିଲେ।

# ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏବିଭିପି ଶାଖା ଗଠିତ




ପଟ୍ଟାଙ୍ଗି, ୬।୧୧(ଶରତ ଧଳ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ କୋରାପୁଟ ଜିଲା ପଟ୍ଟାଙ୍ଗି ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ନୂତନ ଶାଖା ଗଠିତ ହୋଇଛି। ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ସଙ୍ଗଠନ ସମ୍ପାଦକ ଦିବ୍ୟଜ୍ୟୋତି ନନ୍ଦ ଯୋଗଦେଇ ଗଠିତ ଶାଖାର ମୂଳ ଲକ୍ଷ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଦ୍ୟାର୍ଥୀମାନେ ଜ୍ଞାନ ଓ ଚରିତ୍ରକୁ ମୂଳମନ୍ତ୍ରକରି ମହାବିଦ୍ୟାଳୟରେ ଭଲ ବାତାବରଣ ସୃଷ୍ଟିକରି ପାରିବେ ସେ ନେଇ ବୁଝାଇଲେ। ସେହିପରି ନୂତନଭାବେ ଗଠିତ ହୋଇଥିବା ଶାଖା କର୍ମକର୍ତ୍ତା ଚୟନକରି ନାମ ଘୋଷଣା କରାଯାଇଥିଲା। ନୂତନ ଭାବେ ମନୋନୀତ ସଭାପତି କୈଳାସ ଜାନି, ଉପ ସଭାପତି ଦୀପ୍ତି ଖରା, ଝୁନୁ ଖରା, ସାଧାରଣ ସମ୍ପାଦକ ମହେଶ୍ୱର ହନ୍ତାଳ, ସହ ସମ୍ପାଦକ ଅଭିଷେକ ଖୋସଲା, ରାଜୁ ଦଳାଇ, ଷ୍ଟୁଡେଣ୍ଟ୍ ଫର୍ ସେବା ପ୍ରମୁଖ ସୁନିତା ଦୁରିଆ, ରାଷ୍ଟ୍ରୀୟ କଳା ମଞ୍ଚ ପ୍ରମୁଖ ପୂର୍ଣ୍ଣିମା ମିଶ୍ର ଏବଂ ଖେଳ ଭାରତ ପ୍ରମୁଖ ଜିମାଇ ହନ୍ତାଳ ପ୍ରମୁଖଙ୍କୁ ଶପଥ ପାଠ କରାଇ ଆଗାମୀ ଦିନରେ ଏବିଭିପି ନିତି ନିୟମ ଅନୁସାରେ ସଙ୍ଗଠନକୁ ସୁଦୃଢ କରି ଛାତ୍ରୀଛାତ୍ରଙ୍କ ସମସ୍ୟାପ୍ରତି ଧ୍ୟାନଦେବେ ବୋଲି ଜିଲା ସଙ୍ଗଠନ ସମ୍ପାଦକ ନନ୍ଦ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

# ସାନ ଓଜେଇ ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୬।୧୧
(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅଧୀନ ସାନ ଓଜେଇ ଜଙ୍ଗଲରେ ଅବକାରୀ ଚଢ଼ାଉ ହୋଇଛି। ମାଫିଆମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ଖବରପାଇ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ଓ ଅବକାରି ଥାନା ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି । ଚଢାଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବାବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି। ଘଟଣା ସ୍ଥଳରୁ ୫୦ ଲିଟର ଦେଶୀ ମଦ, ୬ ଶହ ଲିଟର ପୋଚ ଜବତ କରି ନଷ୍ଟ କରିଛି। ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରାଯାଇଥିବା ଜୟପୁର ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି।

# ଆଦିବାସୀ ମାନ୍ୟତା ଦାବିରେ ପୁଟିଆ ସମାଜର ଧାରଣା

## ଜିଲାପାଳଙ୍କୁ ପୁଟିଆ ସମାଜ ବିକାଶ ପରିଷଦର ଦାବିପତ୍ର

କୋରାପୁଟ,୬।୧୧
(ଅମିତାଭ ବେହେରା)



ପୁଟିଆ ସମାଜ ବିକାଶ ପରିଷଦ ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

କୋରାପୁଟ ଜିଲାରେ ବସବାସ କରୁଥିବା ପୁଟିଆ(ଦୁଲିଆ)ଜନଜାତିଙ୍କୁ ଆଦିବାସୀ ମାନ୍ୟତା ଦାବିରେ ପୁଟିଆ ସମାଜ ବିକାଶ ପରିଷଦର ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ ସହ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ଦାବିପତ୍ର ଦିଆଯାଇଛି। ଜିଲା ସଭାପତି ଉଦ୍ଧବ ଗୋଲରିଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ ଦେଇଥିଲେ। ସେମାନଙ୍କର ରହିଥିବା ୪ ଦଫା ଦାବି ପୂରଣ କରିବାକୁ ଜିଲାପାଳଙ୍କୁ ନିବେଦନ କରାଯାଇଛି।
ପୁଟିଆ (ଦୁଲିଆ) ଜନଜାତିଙ୍କୁ ୧୯୫୬ ମସିହାରୁ ଆଦିବାସୀ ମାନ୍ୟତା ଦିଆଯାଇଥିଲା। ୨୦୦୦ ମସିହାରୁ ସରକାର ତାହାକୁ ଉଚ୍ଛେଦ କରିଛନ୍ତି। ଏହାପରେ ସେମାନଙ୍କୁ କୌଣସି ଜନଜାତିରେ ସାମିଲ କରାଯାଇ ନ ଥିବାରୁ ଜାତିଗତ ପ୍ରମାଣପତ୍ର ନପାଇ ଛାତ୍ରୀଛାତ୍ର ମାନେ ସମସ୍ତ ପ୍ରକାର ଅସୁବିଧାର ସମୁଖୀନ ହେଉଛନ୍ତି। ଏଥିସହ ସରକାରୀ କାର୍ଯ୍ୟ, ହଷ୍ଟେଲ ସୁବିଧାରୁ ବଞ୍ଚିତ ଆଦି ସମସ୍ୟା ଭୋଗୁଛନ୍ତି। ଏଣୁ ତୁରନ୍ତ ଜନଜାତିଙ୍କୁ ଆଦିବାସୀ ମାନ୍ୟତା ଦେବାକୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ପରିଷଦର ସମ୍ପାଦକ ରତନ ଇରିଙ୍ଗାଇଙ୍କ ସମେତ ପରିଷଦର କର୍ମକର୍ତ୍ତା ଓ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ୩ ଛାତ୍ରୀଛାତ୍ରଙ୍କ ପାଇଁ ତିନି ଶିକ୍ଷକ

## ଶିକ୍ଷା ବିଭାଗର ବିଚିତ୍ର ନୀତି

ରାୟଗଡ଼ା,୬।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଶିକ୍ଷା ବିଭାଗରେ ବିଚିତ୍ର ନୀତି ଦେଖିବାକୁ ମିଳିଛି। ଜିଲାର ଅନେକ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକରେ ପାଠପଢ଼ା ଚାଲିଥିବାବେଳେ କୋଲନରା ବ୍ଲକ୍‌ର ୬ଟି ବିଦ୍ୟାଳୟରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ରହିଛନ୍ତି। ଡଙ୍ଗର ଲେକାପାଇ ପ୍ରାଥମିକ ବିଦ୍ୟାଳୟରେ ୩ ଜଣ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ପାଇଁ ୩ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଉକ୍ତ ବିଦ୍ୟାଳୟରେ ପୂର୍ବରୁ ୨ ଜଣ ଶିକ୍ଷକ ଥିବାବେଳେ ଏବେ ଅନ୍ୟ ଜଣେ ଶିକ୍ଷକ ନିଯୁକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିଭଳି ପୋଡ଼ାପାଇ ପ୍ରାଥମିକ ବିଦ୍ୟାଳୟରେ ୭ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ପାଇଁ ୩ ଶିକ୍ଷକ, ଦୁମୁକୁପାଡୁ ପ୍ରାଥମିକ ବିଦ୍ୟାଳୟରେ ୧୭ ଛାତ୍ରୀଛାତ୍ରଙ୍କ ପାଇଁ ୩ ଶିକ୍ଷକ, ପେଦାଗୁଡା ପ୍ରାଥମିକ ବିଦ୍ୟାଳୟରେ ୨୦ ଛାତ୍ରୀଛାତ୍ରଙ୍କ ପାଇଁ ୪ ଜଣ ଶିକ୍ଷକ, ପରଡିଗୁଡା ପ୍ରାଥମିକ ବିଦ୍ୟାଳୟରେ ୧୪ ଛାତ୍ରୀଛାତ୍ରଙ୍କ ପାଇଁ ୩ ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ୨୦ରୁ କମ୍ ଛାତ୍ରୀଛାତ୍ର ଥିଲେ ବିଦ୍ୟାଳୟ ବନ୍ଦ ହେବାର ନିୟମ ରହିଥିଲେ ମଧ୍ୟ ଏହିସବୁ ବିଦ୍ୟାଳୟରେ କିଭଳି ଏତେ ସଂଖ୍ୟାରେ ଶିକ୍ଷକ ନିଯୁକ୍ତି ପାଇଛନ୍ତି ତାହା ତଦନ୍ତ ପରିସର ହେବା ଆବଶ୍ୟକ ବୋଲି ଶିକ୍ଷାବିତ୍‌ମାନେ କହିଛନ୍ତି।

ବିଦ୍ୟାଳୟରେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଥିବା କାଗଜପତ୍ରରେ ଦର୍ଶାଇ ମଧ୍ୟାହ୍ନଭୋଜନଠାରୁ ଆରମ୍ଭକରି ପଠନ ସାମଗ୍ରୀ ଓ ବିଦ୍ୟାଳୟ ଆସୁଥିବା ୟୁନିଫର୍ମର ନକଲି ବିଲ୍ ଦେଇ ଅନୁଦାନ ହଡପ ହେଉଥିବା ଅଭିଯୋଗ ହୋଇଛି। ଯେଉଁ ପିଲାଙ୍କ ନାମ ଏହିସବୁ ବିଦ୍ୟାଳୟ ଉପସ୍ଥାନ ଖାତାରେ ସ୍ଥାନିତ ହୋଇଛି ବାସ୍ତବରେ ସେମାନେ ବିଭିନ୍ନ ଆଶ୍ରମ ଓ ସେବାଶ୍ରମ ହଷ୍ଟେଲରେ ରହି ପାଠପଢୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ଏଥିରେ ସମ୍ପୃକ୍ତି ରହିଥିବା ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଶିକ୍ଷକଙ୍କ ଅସଲି ମୁଖା ଖୋଲିଯିବ ବୋଲି ଅଭିଭାବକ ମହଲରେ ଦାବି ହୋଇଛି । ଜିଲାରେ ୬୦ରୁ ଊର୍ଦ୍ଧ୍ୱ ସ୍କୁଲ ଜଣେ ଶିକ୍ଷକରେ ଚାଲିଥିବା ନେଇ ଗତ ଦିନରେ ହୋଇଥିବା ଜିଲା ପରିଷଦ ବୈଠକରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ପ୍ରଶ୍ନ ଉଠାଇ ଅସନ୍ତୋଷ ପ୍ରକାଶ କରିଥିବାବେଳେ କୋଲନରା ବ୍ଲକ୍‌ର ୬ସ୍କୁଲରେ କିଭଳି ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ରହିଛନ୍ତି ତାହା ଆଶ୍ଚର୍ଯ୍ୟଜନକ ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ବସନ୍ତ ନାୟକଙ୍କୁ ପଚାରିବାରୁ ଏହି ଘଟଣା ସେ ଜିଲାପାଳଙ୍କ ନଜରକୁ ନେଇ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ସିଭିଲ ସୋସାଇଟି ମେମ୍ବର ହେଲେ ଶିବ ପଟ୍ଟନାୟକ

ରାୟଗଡ଼ା,୬।୧୧
(ଆଶିଷ ରଞ୍ଜନ ପଣ୍ଡା)



ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ ଓଡ଼ିଶା ମୋଟର ପରିବହନ ଡ୍ରାଇଭର ଓ ୱାର୍କର୍ସ ୱେଲଫେୟାର ବୋର୍ଡର ସିଭିଲ ସୋସାଇଟି ମେମ୍ବର ଭାବେ ନିଯୁକ୍ତ ହୋଇଛନ୍ତି । ଏ ନେଇ ବୋର୍ଡ ତରଫରୁ ତୃତୀୟ ବୈଠକ ପୂର୍ବରୁ ଶିବଙ୍କୁ ଚିଠି ମାଧ୍ୟମରେ ସୂଚନା ଦିଆଯାଇଛି । ଏହି ଦାୟିତ୍ୱ ପାଇବା ପରେ ଶିବ ବୋର୍ଡର ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇବା ସହିତ ଆଗାମୀ ଦିନରେ ଡ୍ରାଇଭର ଏବଂ ୱାର୍କର୍ସମାନଙ୍କୁ କିଭଳି ସମସ୍ତ ସୁବିଧା ମିଳିପାରିବ ସେଥିପ୍ରତି ଧ୍ୟାନଦେବେ ବୋଲି କହିଛନ୍ତି । ଏହି ବୋର୍ଡରେ ୨ ବିଧାୟକଙ୍କ ସମେତ ଡ୍ରାଇଭର ଓ ମୋଟର ଟ୍ରାନ୍ସପୋର୍ଟ କର୍ମଚାରୀମାନେ ମଧ୍ୟ ରହିଛନ୍ତି ।

# ୩ୟ, ୫ମ ଶ୍ରେଣୀ ମେଧାବୃତ୍ତି ଚୟନ ପରୀକ୍ଷା



ଛାତ୍ରୀଛାତ୍ର ବୃତ୍ତି ପରୀକ୍ଷା ଦେଉଛନ୍ତି।

ପଦ୍ମପୁର, ୬।୧୧ (ପ୍ରଶାନ୍ତ କୁମାର କର)

ପଦ୍ମପୁର ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩ୟ, ୫ମ ଶ୍ରେଣୀ ମେଧାବୃତ୍ତି ଚୟନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ପାଇଁ ୮୧ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବାବେଳେ ୭୮ଜଣ ପରୀକ୍ଷା ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରସେନ ଲିମା ଉକ୍ତ ପରୀକ୍ଷା କେନ୍ଦ୍ରର ମୁଖ୍ୟ ତଦାରଖ ଦାୟିତ୍ୱ ନିର୍ବାହ କରିଥିଲେ। ରୟଲପଦର ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ଖାଡ଼ଙ୍ଗା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିଲେ। ଗିରିଧାରୀ ପାଢ଼ୀ, ପ୍ରିୟବ୍ରତ ଦାସ, ଚନ୍ଦନ କୁମାର ଦାସ ଓ ସ୍ୱପ୍ନା ଦାସ ପରୀକ୍ଷା ଦାୟିତ୍ୱରେ ଥିଲେ ।

ସେହିଭଳି ପଦ୍ମପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ୩ୟ ଶ୍ରେଣୀ ମେଧାବୃତ୍ତି ଚୟନ ପାଇଁ ୧୦୭ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବାବେଳେ ୧୦୦ଜଣ ପରୀକ୍ଷା ଦେଇଥିଲେ। ଲଛମନଗୁଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋହନ ରାଓ ମିଶାଲ, ଜାଡ଼ିଲି ବିଦ୍ୟାଳୟର ଶିକ୍ଷକ ସିମାଦ୍ରି ଆପଲା ରାଜୁ, ପ୍ରଭାତ କୁମାର ମଲ୍ଲିକ, ରାଜେଶ ବେହେରା, ଗୋପେଶରୀ ମହାରଣା, ଗାୟତ୍ରୀ ସାମନ୍ତରା, ଅପରାଜିତା ହୋତା ପରୀକ୍ଷା କେନ୍ଦ୍ରର ମୁଖ୍ୟ ତଦାରଖ ଦାୟିତ୍ୱ ନିର୍ବାହ କରିଥିଲେ। ଉଭୟ ପରୀକ୍ଷା କେନ୍ଦ୍ରର ସୁପରିଚାଳନା ଶିକ୍ଷାଧିକାରୀ ହୃଷୀକେଶ ରଥ କରିଥିଲେ।

# ଧନଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଗୁଡ଼ାରି,୬।୧୧ (ପ୍ରମୋଦ କୁମାର ପତି)

ଗୁଡ଼ାରି ସହରସ୍ଥିତ ରାଧାକୃଷ୍ଣ ମନ୍ଦିର ନିକଟରେ ବୁଧବାର ସକାଳେ ଧନଲକ୍ଷ୍ମୀ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଗୁଡ଼ାରିର ରାଜପୁରୋହିତ ରାମପ୍ରସାଦ ରଥଶର୍ମା ପୂଜାର୍ଚ୍ଚନାକରି ଶୁଭଖୁଣ୍ଟି ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ କମିଟିର ସମସ୍ତ ସଦସ୍ୟ ଓ ସହର ବାସିନ୍ଦା ଯୋଗଦେଇଥିଲେ। ଆସନ୍ତା ଡିସେମ୍ବର ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଧନଲକ୍ଷ୍ମୀ ପୂଜା ଧୁମଧାମରେ ପାଳନ ହେବ। ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ଭି. ହାରି, ଗୌରାଙ୍ଗ ପାଢ଼ୀ, ଏମ୍. ଗୌତମ, ବୁବୁରୁ ଦଳପତି, ମାଝୀ ବାବୁ, ପେଦିନା ଚରଣ, ଆଦିତ୍ୟଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।



ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମରେ ପୂଜା କମିଟି ସଦସ୍ୟ।

# ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ତାଲିମ




ପ୍ରଶିକ୍ଷକଙ୍କ ସହ ତାଲିମ୍ ନେଉଥିବା ମହିଳାମାନେ।

ଟିକିରି,୬।୧୧ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଶଙ୍କରଅଡ଼ା ପଞ୍ଚାୟତରେ ସ୍ଥାନୀୟ ଆଦିବାସୀ ମହିଳାଙ୍କୁ ସ୍ୱାବଲମ୍ବନ କରିବା ସକାଶେ ଆଇଡିବିଆଇ ବ୍ୟାଙ୍କ ପ୍ରାୟୋଜିତ ଏବଂ ଇଡିଆଇଆଇ ଦ୍ୱାରା ପରିଚାଳିତ ପ୍ରକଳ୍ପ ରାଇଜର ପ୍ରୋଦ୍ୟୋଗିକ-ଆଧାରିତ ପ୍ରଶିକ୍ଷଣ (ଟିଇଡିପି) ଶିବିର ଆୟୋଜିତ ହେଉଛି। ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିର ୧୮ ଦିନ ପର୍ଯ୍ୟନ୍ତ ଚାଲିବ। ମାଣ୍ଡିଆରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ପାଇଁ ପ୍ରଶିକ୍ଷକ ପୁଷ୍ପଲତା ପଣ୍ଡା ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏହି ପ୍ରଶିକ୍ଷଣ କାର୍ଯକ୍ରମ କେବଳ ମହିଳାମାନଙ୍କୁ ସଶକ୍ତୀକରଣ ପାଇଁ ନୁହେଁ ବରଂ ଲୋକଙ୍କୁ ଏକ ସୁସ୍ଥ ଜୀବନ ଅତିବାହିତ କରିବା ପାଇଁ ମାଣ୍ଡିଆ ତିଆରି ଖାଦ୍ୟ ପରିବେଷଣ କରିବାରେ ବିଶେଷ ସହାୟକ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପ୍ରଶିକ୍ଷଣ ନେଉଥିବା ମା'ମାନେ ପ୍ରଶିକ୍ଷଣ ନେଇ ନିଜକୁ ଜଣେ ଉଦ୍ୟୋଗୀ ରୂପେ ଗଢ଼ି ତୋଳିବେ। ଇଡିଆଇଆଇ ଏହି ମହିଳାଙ୍କୁ ମାଗଣା ପ୍ରଶିକ୍ଷଣ ଦେବା ସହ ବଜାରୀକରଣ ଏବଂ ଅନ୍ୟାନ୍ୟ ସରକାରୀ ଯୋଜନା ସହ ସଂଯୋଗ କରିବାରେ ସହାୟକ ହେଉଛି, ଯାହା ଦ୍ୱାରା ଏକ ଦୀର୍ଘ ସ୍ଥାୟୀ ଉଦ୍ୟୋଗ ନିର୍ମିତ ହୋଇପାରିବ । ପ୍ରଶିକ୍ଷକ ପପୁନ କୁମାର ପ୍ରଧାନ ପରିଚାଳନା କରୁଛନ୍ତି ।

# ଏନ୍‌ଏସି ବୈଠକରେ ସହରର ଉନ୍ନତି ନେଇ ଆଲୋଚନା

ଗୁଡାରି, ୬।୧୧(ପ୍ରମୋଦ କୁମାର ପତି )

ଗୁଡ଼ାରି ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ସରମିତା ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଡିଓ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅନିଶା ଦାସ, ଉପାଧ୍ୟକ୍ଷ ବାରାଟି ଯୋଗେଶ୍ୱର ରାଓ, ଏମ୍‌ପି ପ୍ରତିନିଧି ଏସ୍ ମିନାକେଶ, ବିଧାୟକ ପ୍ରତିନିଧି ପି. ବାବୁରାଓ ଉପସ୍ଥିତ ଥିଲେ। ସହରର ଉନ୍ନତି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ଯୋଜନାର ସବିଶେଷ ବିବରଣୀ ବିଧାୟକ ପ୍ରତିନିଧି ଲିଖିତ ଭାବେ ଦେବା ପାଇଁ କହିଥିଲେ। ବୈଠକରେ ସମସ୍ତ ୱାର୍ଡ କାଉନସିଲର ଓ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।



ବୈଠକରେ ଆଲୋଚନା କରାଯାଉଛି।

# ତଦନ୍ତ ସମୟରେ ଗ୍ରାମବାସୀଙ୍କୁ ଡକା ନ ଯିବାରୁ ଅସନ୍ତୋଷ

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ଆସୁ ନ ଥିବା ଘଟଣା ଚପାଇବାକୁ ଉଦ୍ୟମ

ବିଷମକଟକ, ୬।୧୧
(ପ୍ରସନ୍ନ କୁମାର ପଣ୍ଡା)

ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକ ଡାକୁଲୁଗୁଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ନିୟମିତ ମେଡିକାଲ ଆସୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଗତ ରବିବାର 'ଧରିତ୍ରୀ'ରେ 'ଡାକ୍ତର ଆସୁନାହାନ୍ତି, ଫାର୍ମାସିଷ୍ଟରେ ଚାଲିଛି ଚିକିତ୍ସା' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲମୋହନ ରାଉତରାୟ ବିଷମକଟକ ମେଡିକାଲ ଇନଚାର୍ଜ ଅଫିସର ଡା. ବଳଦେବ ହରିହର ଟୁଡୁଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଡା. ଟୁଡୁ ବୁଧବାର ପାଇକଡାକୁଲୁଗୁଡା ଗ୍ରାମ ପଞ୍ଚାୟତର ଡାଙ୍ଗୁ ଗ୍ରାମକୁ ଯାଇ ତଦନ୍ତ କରିଥିଲେ ମଧ୍ୟ ଯେଉଁ ଗ୍ରାମବାସୀ ଡାକ୍ତର ପ୍ରକାଶ ଚନ୍ଦ୍ର ଓଝାଙ୍କ ନାଁରେ ଅଭିଯୋଗ କରିଥିଲେ ସେମାନଙ୍କୁ ଡକାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜିଲା ସ୍ୱାସ୍ଥ୍ୟ ବିଭାଗର ଉପରିସ୍ଥ ଅଧିକାରୀ କିଛି ହାତଗୁଞ୍ଜା ନେଇ ଘଟଣାକୁ ଚପାଇବା ପାଇଁ ଉଦ୍ୟମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଡାକ୍ତର ଓଝା ନିୟମିତ ମେଡିକାଲ ଆସୁ ନ ଥିବା ସମ୍ପର୍କରେ ତାଙ୍କୁ ଫୋନରେ ଯୋଗାଯୋଗ କରାଯିବାରୁ ସେ ନିଜର ଭୁଲ ମାନିଛନ୍ତି। ଗ୍ରାମବାସୀ ଏହାର ଫୋନ ରେକର୍ଡ ସିଡିଏମ୍‌ଓ ଡା. ରାଉତରାୟ ଓ ବିଷମକଟକ ଇନଚାର୍ଜ ଟୁଡୁଙ୍କୁ ପଠାଇଛନ୍ତି। ତଦନ୍ତ ସମ୍ପର୍କରେ ସିଡିଏମ୍‌ଓ ରାଉତରାଏଙ୍କୁ ଯୋଗାଯୋଗ କରିବାରୁ ଆପଣଙ୍କ ହାତରେ ଯାହା ହେଉଛି କରନ୍ତୁ ବୋଲି କହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ରାୟଗଡ଼ା ଜିଲାପାଳ ପାରୁଲ ପଟୱାରୀଙ୍କୁ ଜଣାଇବା ପରେ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। ଏ ନେଇ ପାଇକଡାକୁଲୁଗୁଡା ପଞ୍ଚାୟତବାସୀ ଆସନ୍ତା ୨୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବେ ବୋଲି କହିଛନ୍ତି।

# ବୃତ୍ତି ପରୀକ୍ଷାରେ ୮ ଅନୁପସ୍ଥିତ



ଗୋଷ୍ଠୀ ଶିକ୍ଷା ଅଧିକାରୀ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ଗୁଡ଼ାରି,୬।୧୧ (ପ୍ରମୋଦ କୁମାର ପତି)

ଗୁଡ଼ାରିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୪୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୦ ଜଣ ପରୀକ୍ଷା ଦେଇଥିବାବେଳେ ୫ ଜଣ ଅନୁପସ୍ଥିତ ଥିଲେ। ସେହିପରି ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୪୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ ଜଣ ଅନୁପସ୍ଥିତ ଥିଲେ। ଉଭୟ ପରୀକ୍ଷାରେ ମୋଟ ୮ ଜଣ ପରୀକ୍ଷାର୍ଥୀ କେଉଁ ପରିସ୍ଥିତିରେ ଅନୁପସ୍ଥିତ ରହିଲେ ସେ ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ କହିଛନ୍ତି। ମୋଟ ୮ ଜଣ ଇନ୍‌ଭିଜିଲେଟର ନିୟୋଜିତ ଥିବା ବେଳେ ସୁପରିଣ୍ଟେଣ୍ଡେଣ୍ଟ ଭାବେ ସନ୍ଧ୍ୟାରାଣୀ ଗମାଙ୍ଗ ଦାୟିତ୍ୱ ତୁଲାଇଥିଲେ। ଏବିଇଓ ଦୁଷ୍ମନ୍ତ କୁମାର ମିଶ୍ର ଓ ଟାଙ୍ଗୁଡା ରୁପମାଝି ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

# ଖେଳୁଆଡ଼ ମନୋଭାବ ନେଇ ପ୍ରତିଭା ପ୍ରଦର୍ଶନ କରିବାକୁ ଆହ୍ୱାନ

## ଜିଲାସ୍ତରୀୟ ଶିଶୁ କ୍ରୀଡ଼ା ମହୋତ୍ସବ 'ଉତ୍ସାହ' ଉଦ୍‌ଘାଟିତ

ଗୁଣୁପୁର, ୬।୧୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲାରେ ଥିବା ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ ନେଇ ଜିଲାସ୍ତରୀୟ ଶିଶୁ କ୍ରୀଡା ମହୋତ୍ସବ 'ଉତ୍ସାହ-୨୦୨୪' ବୁଧବାର ଉଦ୍‌ଘାଟିତ ହୋଇଛି। ଗୁଣପୁର ସହର ନିକଟ ଲିମାମେଡାସ୍ଥିତ ବାଳ ନିକେତନ ଶିଶୁ ଯତ୍ନ ଅନୁଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ କ୍ରୀଡା ଶିକ୍ଷକ ଜୟକୃଷ୍ଣ ପାତ୍ର, ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଅନୁପମା ମହାରଥୀ, ଶିଶୁ ମଙ୍ଗଳ କମିଟିର କୈଳାସ ଚନ୍ଦ୍ର ପାଳ, ଗାଗାରିନ ଶବର ଯୋଗଦେଇ ପିଲାଙ୍କୁ ଖେଳୁଆଡ଼ ମନୋଭାବ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ କହିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ସତ୍ୟପ୍ରିୟା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟର ଅଣ ଆନୁଷ୍ଠାନିକ ଯତ୍ନ ଅଧିକାରୀ ପ୍ରତାପ ଦାଶ, ଆଇନ ସହାୟକ ନିରାକାର ପାଢ଼ୀ, କାଉନସେଲର ବିଶ୍ୱ ବନ୍ଦିତା ବେହୁରିଆ, ପ୍ରମୋଦ ନାୟକ ପ୍ରମୁଖ କ୍ରୀଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ଅବସରରେ ୧୦୦ ଓ ୨୦୦ ମିଟର ଦୌଡ଼, ଉଚ୍ଚ ଡିଆଁ, ଲମ୍ଫ ଡିଆଁ, କ୍ୟାରମ, ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୧୦୦ ମିଟର ଦୌଡ଼ ବାଳକ ବିଭାଗରେ ଆପ୍ରାସ ଶବର, ମହେଶ୍ୱର ଶବର ଓ ସୁରେନ୍ଦ୍ର ଶବର ଏବଂ ୨୦୦ ମିଟର ଦୌଡ଼ରେ ସୁରେନ୍ଦ୍ର ଶବର, ଆପ୍ରାସ ଶବର ଓ ଜଗଣ ପଲକା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଛନ୍ତି। ବାଳିକା ବିଭାଗ ୧୦୦ ମିଟର ଦୌଡରେ ନର୍ମଦା ଶବର, ଜିନ ଭତ୍ରା ଓ ରଞ୍ଜିତା ଶବର ଏବଂ ୨୦୦ ମିଟର ଦୌଡ଼ରେ ରଞ୍ଜିତା ଶବର, ଦୟନୀ ଶବର ଓ ନନ୍ଦିନୀ ଶବର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଛନ୍ତି । ଲମ୍ଫ ଡିଆଁରେ ବାଳକ ବିଭାଗର ମହେଶ୍ୱର ଶବର, ତ୍ରିଲୋଚନ ଶବର, ସୁରେନ୍ଦ୍ର ଶବର ଓ ଉଚ୍ଚ ଡିଆଁରେ ତ୍ରିଲୋଚନ ଶବର, ମହେଶ୍ୱର ଓ ଆଲୋକ ମାଝୀ କୃତିତ୍ୱ ହାସଲ କରିଛନ୍ତି। ବାଳିକା ବିଭାଗ ଲମ୍ଫ ଡିଆଁରେ ଦୟାନି ଶବର, ଉଷା ଶବର, ସଇଲୁ କଦ୍ରକା ଓ ଉଚ୍ଚଡିଆଁରେ ନନ୍ଦିନୀ ଗମାଙ୍ଗ, ଦୟାନି ଶବର ଓ ଦୀପିକା ଶବର କୃତିତ୍ୱ ହାସଲ କରିଛନ୍ତି । କ୍ୟାରମରେ ବାଳକ ବିଭାଗର ଗଦାଧର ଶବର, ମହେଶ୍ୱର ଶବର, ରୁଲୁବି ଶବର ଏବଂ ବାଳିକା ବିଭାଗରେ ବିଦୁସ୍ମିତା ଶବର, ସୁମାଲ ଶବର ଓ ପୁଷ୍ପିତା ଶବର କୃତିତ୍ୱ ହାସଲ କରିଛନ୍ତି। ଚେସ୍‌ରେ ବାଳକ ବିଭାଗର ମହେଶ୍ୱର ଶବର, କୃଷ୍ଣ ଶବର ଓ ଆଲୋକ ମାଝୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଛନ୍ତି। ବାଳ ନିକେତନର ପରିଚାଳକ ଅକ୍ଷୟ ରଞ୍ଜନ ମହାନ୍ତି, ପରାମର୍ଶଦାତା ଅଜିତ ମହାନ୍ତି ଆୟୋଜନ ଓ ସୁପରିଚାଳନା କରିଥିଲେ । ପ୍ରତ୍ୟେକ କ୍ରୀଡ଼ାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ଉତ୍ସବରେ ଯୋଗ ଦେବାକୁ ଭୁବନେଶ୍ୱର ଯିବାକୁ ଚୟନ ହୋଇଛନ୍ତି।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଏବେ ବି ଅବହେଳିତ ଡଙ୍ଗରିଆ କନ୍ଧ

ରାୟଗଡ଼ା, ୬।୧୧(ଭାଗ୍ୟଶ୍ରୀ ମିଶ୍ର)

■ମିଳୁନି ବିଶୁଦ୍ଧ ପାନୀୟ ଜଳ, ଝରଣା ପାଣି ଭରସା

■ଟ୍ୟାଙ୍କର ଯୋଗେ ଜଳଯୋଗାଣ ଦାବି

ରାୟଗଡ଼ା ଜିଲା ନିୟମଗିରି ପାଦଦେଶରେ ବାସକରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧଙ୍କ ବିକାଶ ଲାଗି ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀକରି ବହୁ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ସେମାନେ ମୌଳିକ ସୁବିଧାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି । ବିଷମକଟକ ବ୍ଲକ୍ ଅନ୍ତର୍ଗତ ଖମ୍ବେସୀ ଗ୍ରାମରେ ବାସ କରୁଥିବା ଡଙ୍ଗରିଆ କନ୍ଧ ଏବେ ବି ଅବହେଳିତ ଅବସ୍ଥାରେ ରହିଛନ୍ତି। ଖମ୍ବେସୀ ଗ୍ରାମକୁ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା ହୋଇଥିଲେ ମଧ୍ୟ ନିୟମିତ ପାଣି ଆସୁ ନ ଥିବାରୁ ଗ୍ରାମବାସୀ ବାଧ୍ୟ ହୋଇ ବର୍ଷ ତମାମ ନିକଟସ୍ଥ ଝରଣା ଉପରେ ନିର୍ଭର କରୁଥିବା କହିଛନ୍ତି। ବିଶେଷକରି ଅଙ୍ଗନୱାଡି ସାହି, ଆଦିବାସୀ ସାହି, ଉପର ସାହିରେ ପାଇପ୍ ଯୋଗ ପାନୀୟ ଜଳ ଆସୁ ନ ଥିବାରୁ ସେମାନେ ଝରଣାର ଦୂଷିତ ଜଳ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି।

ଖମ୍ବେସୀ ଗ୍ରାମରେ ୬ଟି ସାହିରେ ମୋଟ ୨୦୦ ପରିବାରରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି । ପ୍ରଶାସନ ପକ୍ଷରୁ ଗାଁରେ ମୋଟ ୭ଟି ଷ୍ଟାଣ୍ଡପୋଷ୍ଟ ଲଗାଯାଇଛି ଏବଂ ୨ଟି ନଳକୂପ ରହିଛି । ହେଲେ ପାଇପଗୁଡିକରେ ଗୋଟେ ଦିନ ପାଣି ଆସିଲେ ୪ ଦିନ ବନ୍ଦ ରହୁଛି । ଉକ୍ତ ପାଣିରେ ବିଭିନ୍ନ ପୋକ ଏବଂ ଆବର୍ଜନା ଆସୁଥିବାରୁ ତାହା ପିଇବାଯୋଗ୍ୟ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି ୨ଟି ନଳକୂପରୁ ଗୋଟେ ଅଚଳ ହୋଇପଡ଼ିଥିବାବେଳେ ଅନ୍ୟଟିରେ ଆସୁଥିବା ପାଣି ଲୁହା ଗନ୍ଧ ସହ ତେଲ ଗନ୍ଧ ହେଉଥିବାରୁ ତାହା ପାନୀୟ ଉପଯୋଗୀ ହୋଇପାରୁ ନାହିଁ। ଫଳରେ ଝରଣା ପାଣିକୁ ଛାଣି ପିଇବାକୁ ବାଧ ହେଉଛୁ ବୋଲି ଗ୍ରାମବାସୀ କହିଛନ୍ତି। ନିୟମିତ ପାଣି ଆସୁ ନ ଥିବା, ଟ୍ୟାପ୍ ଓ ପାଇପ ମରାମତି ହେଉ କିମ୍ବା ନଳକୂପ ମରାମତି ପାଇଁ ଡିକେଡିଏ ଅଧିକାରୀଙ୍କୁ ଅବଗତ କଲେ ସୁଦ୍ଧା ସେମାନେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ଛୋଟ ପିଲାଙ୍କ ଯତ୍ନ ନେବା ପାଇଁ ରହିଥିବା ୨ଟି କ୍ରେଚ୍‌କୁ ମଧ୍ୟ ପାଇପ୍ ଯୋଗେ ପାଣି ଆସୁନାହିଁ। ଫଳରେ କୁନି ପିଲାମାନେ ବାଧ୍ୟ ହୋଇ ବିପଦପୂର୍ଣ୍ଣ ଭାବେ ଝରଣାକୁ ଯାଉଥିବା ଦେଖିବାକୁ ମିଳୁଛି। ୪ ବର୍ଷ ପୂର୍ବେ ଜଳ ଯୋଗାଣ କାମ ନିମ୍ନମାନର ହୋଇଥିବାରୁ ଜଳ ଆସିବାରେ ଅସୁବିଧା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ଗ୍ରାମର ରୀତା ମେଲେକା, ଲହରୀ କୁଣ୍ଡିକା, ବାଙ୍ଗାରି ବାଡକା, ମିନାଇଁ ଶିକକା, ରୂପାଲୀ ମେଲେକା, ପୁଲମୀ ୱାଡକା, ଶୁକ୍ରୀ ଅଟକା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଡିକେଡିଏର ସ୍ୱତନ୍ତ୍ର ଅଧିକାରୀ ଜଗବନ୍ଧୁ ମେହେରଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ଗ୍ରାମରେ ୨ଟି କାମ ହୋଇଛି । ଓପିଲିପି ଏବଂ ପଞ୍ଚାୟତରାଜ ବିଭାଗରେ ଯଦି ଲୋକଙ୍କ ଅଭିଯୋଗ ଅଛି ମୁଁ ନିଜେ କ୍ଷେତ୍ର ପରିଦର୍ଶନ କରି ସମସ୍ୟା ସମାଧାନ ପାଇଁ ପ୍ରୟାସ କରିବି ବୋଲି କହିଛନ୍ତି ।



ଡଙ୍ଗରିଆ ମହିଳାମାନେ ପାଣି ସଂଗ୍ରହ କରୁଛନ୍ତି।

# ପିଲାଙ୍କ ଭବିଷ୍ୟତ ଦୃଷ୍ଟିରୁ ସ୍କୁଲ ପଠାଇବାକୁ ଅନୁରୋଧ

## ମିଳିତ କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ

ନବରଙ୍ଗପୁର,୬।୧୧
(ସଦାଶିବ ପ୍ରହରାଜ)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ।

ରାଜ୍ୟଭିତ୍ତିକ ନିଯୁକ୍ତିକୁ ବିରୋଧ ଓ ଜିଲା ଭିତ୍ତିକ ନିଯୁକ୍ତି ଦାବି କରି ମିଳିତ କ୍ରିୟାନୁଷ୍ଠାନ କମିଟି ସେପ୍ଟେମ୍ବର ୧୭ରୁ ଆନ୍ଦୋଳନ କରୁଛି। ପିଲାମାନଙ୍କୁ ସ୍କୁଲ ନ ପଠାଇବାକୁ କମିଟି ପକ୍ଷରୁ ପୂର୍ବରୁ ନିବେଦନ କରାଯାଇଥିଲା। ତଥାପି ମଧ୍ୟ ରାଜ୍ୟ ସରକାର ସେମାନଙ୍କ ଦାବି ନେଇ କୌଣସି ଆଲେଚନା କଲେ ନାହିଁ କିମ୍ବା କାର୍ଯ୍ୟାନୁଷ୍ଠାନ ନେଲେନି। ପିଲାଙ୍କ ଭବିଷ୍ୟତ ଓ ଆଗାମୀ ଦିନରେ ପରିକ୍ଷା ଥିବାରୁ ଗୁରୁବାରଠାରୁ ପିଲାଙ୍କୁ ସ୍କୁଲ ପଠାଇବାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀ କରି କୁହାଯାଇଛି। କିନ୍ତୁ ଆନ୍ଦୋଳନ ଚାଲିବ ବୋଲି ସ୍ଥାନୀୟ ଭତରା ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମିଳିତ କ୍ରିୟାନୁଷ୍ଠାନ କମିଟି ଏହି ସୂଚନା ଦେଇଛି।

ସେପ୍ଟେମ୍ବର ୨୭ରୁ ୪୧ ଦିନ ହେଲା ଅବିଭକ୍ତ କୋରାପୁଟ ଜିଲା ସମେତ ନବରଙ୍ଗପୁରରେ ଜିଲାଭିତ୍ତିକ ନିଯୁକ୍ତି ପାଇଁ ନିରନ୍ତର ନିରପେକ୍ଷ ଭାବେ ଆନ୍ଦୋଳନ ଚାଲିଛି। ଦଶହରା ଛୁଟି ପରେ ଆକ୍ଟୋବର ୧୮ରୁ ୨୦ ଦିନ ହେଲା ଜିଲାରେ ପ୍ରତ୍ୟେକ ପଞ୍ଚାୟତବାସୀ, ସ୍କୁଲ କମିଟି, ଅଭିଭାବକମାନେ ଜିଲାଭିତ୍ତିକ ନିଯୁକ୍ତି ଦାବିକୁ ସମର୍ଥନ ଜଣାଇ ପିଲାଙ୍କୁ ସ୍କୁଲ ପଠାଇନାହାନ୍ତି। କିନ୍ତୁ ପ୍ରଶାସନ ଓ ଗଣଶିକ୍ଷାମନ୍ତ୍ରୀ ଏହାକୁ ଅଣଦେଖା କରି ଆନ୍ଦଳନକାରୀ ଓ କ୍ରିୟାନୁଷ୍ଠାନ କମିଟିକୁ ଡାକି ଆଲୋଚନା କଲେନି କିମ୍ବା ସମାଧାନ ବାଟ ବାହାର କଲେ ନାହିଁ ବୋଲି କମିଟି ସଦସ୍ୟମାନେ କହିଛନ୍ତି। କିନ୍ତୁ ଛାତ୍ରୀଛତ୍ରଙ୍କ ଭବିଷ୍ୟତ, ସ୍କୁଲ ପରୀକ୍ଷା ଗୁଡିକକୁ ଆଖି ଆଗରେ ରଖି ପିଲାମାନଙ୍କୁ ବିଦ୍ୟାଳୟ ଛାଡ଼ିବାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ଜିଲାରେ ଆନ୍ଦୋଳନ ଚାଲିବ। ଯେଉଁଦିନ ପର୍ଯ୍ୟନ୍ତ ଜିଲାଭିତ୍ତିକ ନିଯୁକ୍ତି ଦାବିକୁ ସରକାର ଶୁଣିବେ ନାହିଁ କିମ୍ବା ଆଲୋଚନାକୁ ଡାକିବେ ନାହିଁ ସେଯାଏଁ ଅବିଭକ୍ତ କୋରାପୁଟ ଓ ନବରଙ୍ଗପୁର ଜିଲାରେ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଆଗାମୀ ଦିନରେ ସାମ୍ବିଧାନିକ, ଗଣତାନ୍ତ୍ରିକ ପଦ୍ଧତିରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଗରେ ଗଣଧାରଣା, ପ୍ରତିବାଦ ବିକ୍ଷୋଭ କରାଯିବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଏସ୍‌ଟିଏସ୍‌ସି ପରିସଂଘ ସଭାପତି ଭଗବାନ ବୈରାଗୀ, ଜିଲା ଏକତା ମଞ୍ଚ ବରିଷ୍ଠ ଉପଦେଷ୍ଟା ଲଳିତ ମୋହନ ନାୟକ, କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଦକ୍ଷିଣ ଓଡିଶା ଆଦିବାସୀ ମହାସଂଘ ସଭାପତି ଅର୍ଜୁନ ଭତରା, ଜନଜାତି ସୁରକ୍ଷା ମଞ୍ଚ ସମ୍ପାଦକ ରତନ ମାଝୀ, ପିସିସି ଉପସଭାପତି ମୁନା ତ୍ରିପାଠୀ, ଜିଲା ଏସ୍‌ସି ସଂଘ ବ୍ଲକ ସଭାପତି ଦେବରାଜ ନାଗ, ଜିଲା ସରପଞ୍ଚ ମହାସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ଭତ୍ରା, ଦୟାନିଧି ସୁନା, ଲକ୍ଷ୍ମଣ ନାୟକ, ସ୍ୱେଚ୍ଛାସେବୀ ସଂଘ ସାମାଜିକ କର୍ମୀ କମଲୁ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଧ୍ର ଡାକ୍ତରଖାନାରେ ରୋଜଗାରିଆ ପୁଅ

ଉମରକୋଟ, ୬।୧୧
(ସନ୍ତୋଷ ଶତପଥୀ)



■ସରକାରୀ ସହାୟତା ଅପେକ୍ଷାରେ ବୃଦ୍ଧ ମା'ବାପା
■ଦାଦନ ଦେଇଗଲା ଦୁଃଖ, ଯନ୍ତ୍ରଣା

ଦୁଇପଇସା ଅଧିକ ଉପାର୍ଜନ ପାଇଁ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିଲେ ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଅଧୀନ ୟୁଭି-୫୨ ଗ୍ରାମର ଅଭିଜିତ ମଜୁମଦାର। କିନ୍ତୁ କାମ କରିବା ସମୟରେ ତିନିମହଲା କୋଠା ଉପରୁ ତଳକୁ ପଡ଼ିଯିବାରୁ ହାତ, ଗୋଡ଼, ଅଣ୍ଟା ଭାଙ୍ଗିଯାଇଥିଲା। ସେ ଏବେ ଆନ୍ଧ୍ରର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅର୍ଥ ଅଭାବ ଥିବାରୁ ସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି ବୃଦ୍ଧ ମା' ବାପା।

ମାଲକାନଗିରି ଜିଲାର ଜଣେ ଠିକାଦାରଙ୍କ ପ୍ରଲୋଭନରେ ପଡ଼ି ଅଧିକ ଟଙ୍କା ରୋଜଗାର ପାଇଁ ହାଇଦ୍ରାବାଦ ଯାଇଥିଲେ ଅଭିଜିତ। ସେଠାରେ କୋଠାବାଡ଼ି କଲର କାମ କରୁଥିଲେ। ସେ ତିନିମହଲା କୋଠାରେ ରଙ୍ଗ ମାରିବା ସମୟରେ କୋଠା ଉପରୁ ପଡ଼ି ତାଙ୍କ ହାତ, ଗୋଡ଼, ଅଣ୍ଟା ଭାଙ୍ଗିଯାଇଥିଲା। ପ୍ରଥମେ ହାଇଦ୍ରାବାଦ ଓ ପରେ ବିଶାଖାପାଟଣାର ଏକ ଘରୋଇ ମେଡିକାଲରେ ଚିକିତ୍ସା କରାଯାଉଥିଲା। ସେଠାରେ ବିଏସ୍‌କେୱାଇ କାର୍ଡରେ ଚିକିତ୍ସା କରାଯାଉଥିଲା। କାର୍ଡରେ ଥିବା ଟଙ୍କା ସରିଯିବାରୁ ମା' ବାପା ୫ଲକ୍ଷ ଟଙ୍କାରେ ଜମି ବିକ୍ରିକରି ପୁଅର ଚିକିତ୍ସାରେ ଲଗାଇଛନ୍ତି। ଏବେ ମଧ୍ୟ ଅଭିଜିତ ସୁସ୍ଥ ହୋଇନାହାନ୍ତି। ଚିକିତ୍ସା ପାଇଁ ଆହୁରି ଅର୍ଥ ଦରକାର ବୋଲି କାନ୍ଦିକାନ୍ଦି ବୁଢା ମା'ବାପା କହିଛନ୍ତି। ବୟସାଧିକ ଯୋଗୁ ପୁଅକୁ ଦେଖିବାକୁ ଯାଇ ପାରୁନାହାଁନ୍ତି। ଚିକିତ୍ସା ପାଇଁ ଆହୁରି ଟଙ୍କା ଦରକାର। କାମ କରାଇବାକୁ ନେଇଥିବା ଠିକାଦାର କୌଣସି ଆର୍ଥିକ ସହାୟତା କରୁନାହାନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ସହାୟତା ଦେବାକୁ ସେମାନେ ନିବେଦନ କରିଛନ୍ତି। ଘଟଣା ସମ୍ପର୍କରେ ବୁଝିବା ପାଇଁ ନବରଙ୍ଗପୁର ଜିଲା ଶ୍ରମ ଅଧିକାରୀ ଛଟରାୟ ଟୁଡୁଙ୍କୁ ପଚାରିବାରୁ ଏ ସମ୍ପର୍କରେ ଖବରପାଇ ତଦନ୍ତ କରାଯାଇଛି। ଅଭିଜିତ ନିଜେ ଇଚ୍ଛାରେ ଯାଇଥିଲେ। ଆମ ପାଖରେ କୌଣସି ପଞ୍ଜୀକରଣ କରି ନ ଥିଲେ। ମୌଖିକ ଭାବେ ଅଭିଯୋଗ ଦେବା ପାଇଁ ତାଙ୍କ ପରିବାରକୁ କୁହାଯାଇଥିଲା। ସମ୍ପୃକ୍ତ ଠିକାଦାରଙ୍କ ଠିକଣା ମଗାଯାଇଛି। ଏ ସବୁ ପରିବାର ଲୋକେ ଦେବାପରେ ଆମେ କିଛି ସାହାଯ୍ୟ କରିପାରିବୁ। କ୍ଷତିପୂରଣ ବାବଦକୁ ସେ କେସ୍ କଲେ ସରକାରଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯିବ। ଯଥାଶୀଘ୍ର ସରକାରୀ ସହାୟତା କିପରି ମିଳିବ ସେ ଦିଗରେ ଚେଷ୍ଟା କରିବେ ବୋଲି ଜିଲା ଶ୍ରମ ଅଧିକାରୀ କହିଛନ୍ତି। ସେହିଭଳି ସ୍ଥାନୀୟ ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପଚାରିବାରୁ ବ୍ୟକ୍ତିଗତଭାବେ ଅଭିଜିତ୍‌ଙ୍କୁ ସାହାଯ୍ୟ କରିଛି। ସେମାନେ ଆବେଦନ କଲେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ କିପରି ସହାୟତା ପାଇବେ ସେ ଦିଗରେ ଚେଷ୍ଟା କରିବି ବୋଲି ସେ କହିଛନ୍ତି।

# ଡାବୁଗାଁ, ତେନ୍ତୁଳିଖୁଣ୍ଟିରେ ୮୩ ପରୀକ୍ଷାର୍ଥୀ ଅନୁପସ୍ଥିତ

ଡାବୁଗାଁ/ତେନ୍ତୁଳିଖୁଣ୍ଟି, ୬।୧୧
(ପ୍ରଜ୍ଞାରଞ୍ଜନ ପରିଡ଼ା/ଚିଦାନନ୍ଦ ସାହୁ)

## ତୃତୀୟ, ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ର ବିଭିନ୍ନ ବିଦ୍ୟାଳୟରୁ ତୃତୀୟ ଶ୍ରେଣୀ ପାଇଁ ୧୩୮ ଜଣ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୧୩୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୮ ଜଣ ଅନୁପସ୍ଥିତ ଥିଲେ। ସେହିପରି ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ପାଇଁ ୧୩୦ ଛାତ୍ରୀ ଛାତ୍ର ପଞ୍ଜୀକରଣ କରିଥିବାବେଳେ ୧୧ ଜଣ ଅନୁପସ୍ଥିତ ରହିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଉଥିଲେ। ୧୦ ଜଣ ଇନିଭିଜିଲେଟର ପରୀକ୍ଷା ଦାୟିତ୍ୱରେ ଥିଲେ। ପର୍ଯ୍ୟବେକ୍ଷକଭାବେ ଏବିଇଓ ସନ୍ତୋଷ କୁମାର ସାହୁ ଉପସ୍ଥିତ ଥିଲେ। ତେନ୍ତୁଳିଖୁଣ୍ଟିର ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଦିବ୍ୟହୃଦୟ ଉଚ୍ଚ ବିଦ୍ୟାଳୟରେ ବୃତ୍ତି ପରିକ୍ଷା ଅନୁଷ୍ଠିତ ହୋଇଛି। ପଞ୍ଚମ ଶ୍ରେଣୀ ପାଇଁ ୧୪୩ ଓ ତୃତୀୟ ଶ୍ରେଣୀ ପାଇଁ ୨୧୩ଜଣ ପଞ୍ଜିକରଣ କରିଥିଲେ। ପଞ୍ଚମ ଶ୍ରେଣରେ ୩୩ ଓ ତୃତୀୟ ଶ୍ରେଣୀରେ ୩୨ ଜଣ ଅନୁପସ୍ଥିତ ଥିଲେ। ବ୍ଲକ ଶିକ୍ଷାଧିକାରୀ ରମେଶ ରାୟ ନିର୍ଦ୍ଦେଶ ଏବଂ ଏବିଇଓ ମୋହନ ମଧୁସୂଦନ ବାଗଙ୍କ ପ୍ରତ୍ୟକ୍ଷ ପରିଚାଳନା ରେ ପରିକ୍ଷା କରାଯାଇଛି।

# ଯାତ୍ରା ଖାଦ୍ୟଷ୍ଟଲ୍‌ରେ ଫୁଡ୍‌ସେଫ୍ଟି ଅଧିକାରୀଙ୍କ ଚଢ଼ାଉ



ଏକ ଖାଦ୍ୟ ଷ୍ଟଲରେ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

ଉମରକୋଟ, ୬।୧୧
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ୟୁଭି-୫୨ ଓ ୟୁଭି-୧ ବଡ଼କୁମାରୀ ବଙ୍ଗୀୟ ଗ୍ରାମରେ ଚାଲଛି ମାଁ ଶ୍ୟାମା କାଳୀଙ୍କ ପୂଜା। ଏଠାରେ ମିନାବଜାରରେ ଖୋଲାଯାଇଥିବା ବିଭିନ୍ନ ଖାଦ୍ୟଷ୍ଟଲରେ ଫୁଡ୍‌ସେଫ୍ଟି ଅଧିକାରୀମାନେ ଚଢ଼ାଉ କରିଛନ୍ତି। ସେମାନେ ବାସି ଓ କଲର ମିଶା ଖାଦ୍ୟ ଫୋପାଡ଼ିବା ସହ କେତେଜଣ ଦୋକାନୀଙ୍କଠାରୁ ଜରିମାନା ଆଦାୟ କରିଛନ୍ତି।

ସୂଚନାନୁଯାୟୀ, ୟୁଭି-୫୨ ଓ ୟୁଭି-୧ ବଡ଼କୁମାରୀ ଗ୍ରାମରେ କାଳୀପୂଜା ୧୦ ଦିନ ଧରି ଚାଲିଥାଏ। ଏହାକୁ ଦେଖିବାକୁ ଜିଲା ଓ ରାଜ୍ୟ ବାହାରୁ ଅନେକ ଶ୍ରଦ୍ଧାଳୁ ଆସିଥାନ୍ତି। ଏଥିସହ ଛତିଶଗଡ଼, ମହାରାଷ୍ଟ୍ର , ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗରୁ ମଧ୍ୟ ଅନେକ ଭକ୍ତ ଆସିଥାନ୍ତି। ୧୦ ଦିନ ବେଶ୍ ଗହଳି ଚହଳି ଲାଗି ରହିଥାଏ। ଏଠାରେ ମିନାବଜାର ଓ ମେଳା ଲାଗିଥାଏ। ଅନେକ ଅସ୍ଥାୟୀ ହୋଟେଲ, ଜଳଖିଆ ଦୋକାନ ଫାଷ୍ଟଫୁଡ୍ ଟେଲ ଖୋଲିଥାଏ। ସେସବୁ ସ୍ଥାନରେ ସୁଆଦିଆ ଖାଦ୍ୟ ନାମରେ ବାସି, କଲର ଦିଆ ଅପମିଶ୍ରିତ ଓ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ପ୍ରଶାସନର ଧରପଗଡ଼, ନମୁନା ସଂଗ୍ରହ ହେଉ ନ ଥିବାରୁ ଅସାଧୁ ଲାଭଖୋର ବ୍ୟବସାୟୀ ଏପରି ନିମ୍ନମାନର ଖାଦ୍ୟ ବିକ୍ରିକରି ଗ୍ରାହକଙ୍କୁ ମରଣମୁହଁକୁ ଠେଲିଦେଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଜିଲା ଫୁଡ୍ ସେଫ୍ଟି ଅଧିକାରୀ ଅଚାନକ ଯାତ୍ରାରେ ଲାଗିଥିବା ଫାଷ୍ଟଫୁଡ୍, ମିଠା ଦୋକାନ, ହୋଟେଲ, ଜଳଖିଆ ଦୋକାନ ଓ ଗୁଟ୍‌ଖା ଆଦି ଦୋକାନ ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ ଅଧିକାଂଶ ବାସିଖାଦ୍ୟ, ବାସିତେଲ, ଗୁଟ୍‌ଖା, କଲର ଆଦି ଜିନିଷକୁ ଡାଗିଦ କରିବା ସହ ସେସବୁ ଫୋପାଡ଼ିବାକୁ ଦୋକାନୀଙ୍କୁ କହିଥିଲେ। କେତେଜଣ ଦୋକାନୀଙ୍କଠାରୁ ପ୍ରାୟ ୫୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନବକିଶୋର ବେହେରା, ଖାଦ୍ୟ ସୁରକ୍ଷା ଅଧିକାରୀ ଅରୁଣ କୁମାର ମହାରଣା ଓ ସମସ୍ତ ଟିମ୍ ସାମିଲ ହୋଇଥିଲେ।

# ରାସ୍ତାରୁ ହଟି ବଜାର ପିଣ୍ଡିକୁ ଯିବେ ବ୍ୟବସାୟୀ

ନବରଙ୍ଗପୁର,୬।୧୧
(ସଦାଶିବ ପ୍ରହରାଜ)

ନବରଙ୍ଗପୁରର ଦୈନିକ ବଜାର ଭାବେ କୃଷକ ବଜାରକୁ ବୁଝାଇଥାଏ। ତେବେ ବଜାର ଭିତରେ ଅନେକ ପିଣ୍ଡି ଖାଲି ପଡ଼ିଥିଲେ ମଧ୍ୟ କେତେଜଣ ବ୍ୟବସାୟୀ ସେମାନଙ୍କ ଟ୍ରେ ରଖି ପିଣ୍ଡିଠାରୁ ଆଉ କିଛି ସ୍ଥାନ ମିଶାଇ ଅକ୍ତିଆର କରିନେଇଛନ୍ତି। ବଜାର ଭିତରେ ପିଣ୍ଡି ଖାଲିଥିବା ସତ୍ତ୍ୱେ କୃଷକ ବଜାର ବାହାର ମୁଖ୍ୟ ରାସ୍ତା କଡ଼ରେ ବ୍ୟବସାୟୀମାନେ ପରିବା ବିକ୍ରି କରି ଆସୁଥିଲେ। ପୌର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ରାସ୍ତାକଡ଼ ବ୍ୟବସାୟୀଙ୍କୁ ବଜାର ଭିତର ପିଣ୍ଡିରେ ବିକ୍ରି କରିବାକୁ କହିଛନ୍ତି। ବଜାର ଭିତରକୁ ପରିବା ଗାଡି, ମଟର ସାଇକଲ ପ୍ରବେଶ କରିବ ନାହିଁ। ଏନେଇ ଦୁଇଟି ଫାଟକରେ ଲୁହା ବଡ ଦେଇ ବ୍ୟାରିକେଟ କରାଯିବ। ବାହାରେ ମଟର ସାଇକଲ ପାର୍କିଂ ବ୍ୟବସ୍ଥା କରାଯିବ। କୃଷକ ବଜାର ଭିତର ଫାଙ୍କା ସ୍ଥାନରେ ସେଡ୍ ତିଆରି କରାଯିବ। ୪ ଜଣ ହୋଲସେଲର ରହିଛନ୍ତି ସେମାନଙ୍କୁ ଗୋଟିଏ ଲାଇନରେ ପିଣ୍ଡି ଦିଆଗଲେ ବ୍ୟବସ୍ଥା ଠିକ ରହିବ ବୋଲି ଆଲୋଚନା ହୋଇଛି। ଆମିଷ ବଜାର ପାଇଁ ସ୍ୱତନ୍ତ୍ର ଭାବେ ପୁରୁଣା ବଜାରରେ ସ୍ଥାନ ଦିଆଯାଇଛି। କିନ୍ତୁ କୃଷକ ବଜାରରେ ଶୁଖୁଆ ଓ ବଜାର ବାହାରେ ମାଛ ବ୍ୟବସାୟ କରାଯାଉଛି। ଏହାକୁ ଆମିଷ ବଜାରକୁ ସ୍ଥାନାନ୍ତର କରିବା ପାଇଁ ପୌରସଂସ୍ଥା ନିର୍ବାହୀ ଅଧିକାରୀ କହିଛନ୍ତି। ଏନେଇ ପୌର ନିର୍ବାହୀ ଅଧିକାରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ସମୟରେ ନିର୍ବାହୀ ଅଧିକାରୀଙ୍କ ସମେତ କାଉନସିଲର ଅମିତ ପ୍ରଧାନ, ପୌର କର୍ମଚାରୀ ମନୋଜ ଦତ୍ତ, କୃଷକ ବଜାର ସଂଘ ସଭାପତି ପ୍ରଭାତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ପୌରନିର୍ବାହୀ ଅଧିକାରୀ, କାଉନ୍‌ସିଲର ଓ ଅନ୍ୟମାନେ ବ୍ୟବସାୟୀଙ୍କ ସହ ଆଲୋଚନା କରୁଛନ୍ତି।

# ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୬।୧୧
(ପବନ ପାଣିଗ୍ରାହୀ)

ଜୟପୁର ଟାଉନ ପୋଲିସ ଚୋରି ମାମଲାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପାରାବେଡ଼ା ଏଲ୍‌ଆଇସି କୋଲନୀର ଶୁଭମ ବିଷୋୟୀ (୨୦)। ପୋଲିସ ସୂଚନାନୁଯାୟୀ ଜୟପୁର ସନ୍ତୋଷୀ ମା ନଗରରେ ଶିବ ରାମ ତ୍ରିପାଠୀଙ୍କ ଘରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ପିତଳ ସାମଗ୍ରୀ ସବୁ ଚୋରି କରି ନେଇଥିଲେ। ଏ ନେଇ ଶିବରାମ ଜାଣିବା ପରେ ଜୟପୁର ଟାଉନ ଥାନାରେ ଅକ୍ଟୋବର ୫ରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ଶୁଭମଙ୍କ ସମ୍ପୃକ୍ତି ଥିବା ଜାଣି ପୋଲିସ ତାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଘର ପଛପଟେ ଚୋରି ସାମଗ୍ରୀ ଲୁଚାଇ ରଖିଥିଲା। ପୋଲିସ ସେ ସବୁକୁ ଜବତ କରିଛି। ଏସ୍‌ଆଇ ସିଦ୍ଧାନ୍ତ ବେହେରା ମାମଲାରତଦନ୍ତ କରୁଥିଲେ। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ପୋଲିସ ସୂଚନା ଦେଇଛି।

# ସୁନାବେଡ଼ା ମହିଳା ଡିଗ୍ରୀ କଲେଜରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ

ସୁନାବେଡ଼ା,୬।୧୧ (କୃତ୍ତିବାସ ପ୍ରଧାନ)

ସୁନାବେଡା ମହିଳା ଡିଗ୍ରୀ କଲେଜରେ ଅଭିଭାବକ - ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡଃ ଉମା ଶଙ୍କର ପ୍ରସାଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କଲେଜର ବିଭିନ୍ନ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଅଧକ୍ଷା ଉଷାରାଣୀ ଦାଶ ଅଭିଭାବକ ନିଜ ଝିଅଙ୍କ ପ୍ରତି ଅଧିକରୁ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହି ଅବସରରେ କଲେଜ ଏବଂ ହାଲ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ନିକିତାରାଣୀ ପଟ୍ଟନାୟକ ପ୍ରଥମ, ସରୋଜିନୀ ଗୌଡ଼ ଦ୍ୱିତୀୟ ଓ ଶକୁନ୍ତଳା ଶୁକ୍ରି ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ସଂଯୁକ୍ତ ଦିଶାରୀ, ସାଗରିକା ପ୍ରଧାନ, ବର୍ଷା ବିଶ୍ୱାଳ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ଅଧାପିକା ବାସନ୍ତୀ ପଟ୍ଟନାୟକ, ସରିତା ପରିଡ଼ା, ଶୁଭଶ୍ରୀ ପରିଡ଼ା, ଅଧ୍ୟାପକ ଡ଼କ୍ଟର ବାସୁଦେବ ସାହୁ ପ୍ରମୁଖଙ୍କ ସହ ଶତାଧିକ ଅଭିଭାବକ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀମାନେ।

# ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଚିତ୍ରକୋଣ୍ଡା, ୬।୧୧(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଦୋରାଗୁଡା ପଞ୍ଚାୟତ ଆର୍‌ଏସ୍‌ସି. ୬ ଗ୍ରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସମାଜିକକର୍ମୀ ସିତା କିର୍ଷାନୀ, ଗୋଷ୍ଠୀ ଶିକ୍ଷାଧିକାରୀ ହେମନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ଜଗନ୍ନାଥଙ୍କ ଫଟଚିତ୍ରରେ ପୁଷ୍ପମାଲ୍ୟ ଓ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପରେ ଚିତ୍ରକୋଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ନିଜ ନିଜର ବିଜ୍ଞାନ ପ୍ରକଳ୍ପଗୁଡିକୁ ପ୍ରଦର୍ଶନ କରିଥିଲେ । ଅତିଥିମାନେ ସମସ୍ତ ପ୍ରକଳ୍ପଗୁଡିକୁ ବୁଲି ଦେଖିବା ସହ ଏହାର ମୂଲ୍ୟାଙ୍କନ କରିଥିଲେ । ସନ୍ଧ୍ୟାରେ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ମୁଖ୍ୟ ବକ୍ତା ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ମେଳାରେ ୮୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ଜିଲାସ୍ତରକୁ ଯିବାକୁ ୭ ପ୍ରକଳ୍ପକୁ ଯୋଗ୍ୟ ବିବେଚିତ ହୋଇଥିଲା।

# ବାଳ ସୁଧାର ଗୃହକୁ ଗଲେ ୨ ନାବାଳକ

ମାଲକାନଗିରି, ୬।୧୧(ଦୁର୍ଯ୍ୟୋଧନ ପାତ୍ର)

## ମୋବାଇଲ ଚୋରି ଅଭିଯୋଗ

ମାଲକାନଗିରି ଜିଲା ମାଥିଲି ଥାନା ପୋଲିସ ମୋବାଇଲ ଚୋରି କରିଥିବା ଦୁଇ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇଛି। ଗତ ୪ ତାରିଖରେ ମୋଟୁ ଥାନା ଅନ୍ତର୍ଗତ ଏମ୍‌ଭି ୮୮ ଗ୍ରାମର ନବ ଘରାମୀ ଓ ତାଙ୍କ ସହ ଉକ୍ତ ଗ୍ରାମର କିଛି ଲୋକ କାଳୀପୂଜା ଉପଲକ୍ଷେ ମାଥିଲି ଅଞ୍ଚଳକୁ ବାଦ୍ୟ ବଜାଇବାକୁ ଯାଇଥିଲେ । ସେହି ସମୟରେ ଏମାନଙ୍କର ତିନୋଟି ମୋବାଇଲ ଚୋରି ହୋଇଥିଲ। ଏ ସମ୍ପର୍କରେ ନବ ମାଥିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ନଂ. ୨୨୨/୨୪ରେ ମାମଲା ରୁଜୁ କରିଥିଲା।

# ସିରିପେଟାରେ ବିଶ୍ୱଶାନ୍ତି ମହାଯଜ୍ଞ

ମାଲକାନଗିରି, ୬।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ପରକନମାଲା ପଞ୍ଚାୟତ ସିରିପେଟା ଗ୍ରାମ ଜଗନ୍ନାଥ ମନ୍ଦିର ପରିସରରେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ବିଜୟାନନ୍ଦ ପଣ୍ଡା ଓ ଟ୍ରଷ୍ଟ ସଭାପତି ସନାତନ ମାଝିଙ୍କ ତତ୍ତ୍ୱାବଧାନରେ ୩ ଦିନ ବ୍ୟାପୀ ଚାଲିଥିବା ଏହି ମହାଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ସାଧୁସନ୍ଥଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ଦିବ୍ୟକଳସ ଯାତ୍ରା ଓ ଅଧିବାସ ହୋଇଥିଲା। ଦ୍ୱିତୀୟ ଦିନରେ ଯଜ୍ଞବେଦିର ସଂକଳ୍ପ ନୀତି, ହୋମନୀତି ସହ ପୂଜାପାଠ ହୋଇଥିଲା। ଗୋସେବା, ଦରିଦ୍ର ନାରାୟଣ ସେବା, ଲକ୍ଷ୍ମୀମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶେଷଦିନ ପୂର୍ଣ୍ଣାହୂତି ହୋଇଥିଲା ।



